# ବିନା ଟେଣ୍ଡରରେ ଚାଲିଛି ବାଲି ଚାଲାଣ

## ରାଜସ୍ୱ ହରାଉଛନ୍ତି ସରକାର

ରାୟଗଡ଼ା ଅଫିସ, ୧।୨:

ରାୟଗଡା ସହର ନିକଟ ଶାଙ୍କେସ୍ୱରୀ ମନ୍ଦିର ପଛପଟେ ଥିବା ଝଞ୍ଜାବତୀ ନଦୀ ତଟରୁ ବିନା ଟେଣ୍ଡରରେ ଦୈନିକ ବାଲି ଚାଲାଣ କରାଯାଉଛି। ଏ ନେଇ ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନ ଥିବାବେଳେ ଏଥିପାଇଁ ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ଦୈନିକ ଏଠାରୁ ପ୍ରାୟ ୨୫ଟି ଟ୍ରାକ୍ଟରରେ ଏହି ବାଲି ଚାଲାଣ କରାଯାଉଛି। ଗୁମ୍ମା, ହାଲୁଆ, ଶିରୀଗୁଡ଼ା, ଜୟଗୁଡ଼ା, ଶାଙ୍କେସ ସହ ଏହାର ଆଖପାଖ ଅଞ୍ଚଳରୁ ଏହି ବାଲିଚାଲାଣ କରାଯାଉଛି। ନିୟମ ଅନୁଯାୟୀ ବାଲି ଚାଲାଣ ହେଉଥିବା ସ୍ଥାନକୁ ଚିହ୍ନଟ କରାଯାଏ, ପରେ ସେହି ସ୍ଥାନରୁ ବାଲି ନେବା ପାଇଁ ରୟାଲିଟି ବନ୍ଧାଯାଏ। କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖାଦେଉଛି। ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ଏଠାରୁ ବାଲି ନେଇ ପାରୁଛନ୍ତି। ସମୟ ସମୟରେ ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା କଥା, କିନ୍ତୁ ତାହା ହେଉନାହିଁ। ତେଣୁ ସରକାର ରାଜସ୍ୱ ହରାଉଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାଲି ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କେବେ ମଧ୍ୟ ଗିରଫ କି ଜରିମାନା କରାଯାଇ ନାହିଁ ବୋଲି ସେମାନେ କହିଛନ୍ତି। ଏନେଇ ତହସିଲଦାର ଉମାଶଙ୍କର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଉକ୍ତ ଘାଟର ଟେଣ୍ଡର ହୋଇନାହିଁ। ବାଲି ଚାଲାଣ ହେଉଥିବା ନେଇ ତାଙ୍କ ପାଖରେ ଖବର ମଧ୍ୟ ନାହିଁ। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।



ନଦୀରୁ ଟ୍ରାକ୍ଟର ଯୋଗେ ବାଲି ଉଠାଯାଉଛି।

## ସଂକ୍ଷେପରେ

### ବିବାଦୀୟ ଜାଗାର ଅନୁସନ୍ଧାନ କଲେ ତହସିଲଦାର



ପାରଳାଖେମୁଣ୍ଡି, ୧।୨(ସ୍ୱ.ପ୍ର.): ପାରଳାଖେମୁଣ୍ଡି ସଂସ୍କୃତ ମହାବିଦ୍ୟାଳୟ ପଛ ପାର୍ଶ୍ୱରେ ଥିବା ଏକ ବିବାଦିୟ ଜାଗାକୁ ନେଇ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ଉକ୍ତ ଜମିରେ କେତେକ ଲୋକ ବସବାସ କରୁଥିବାବେଳେ ଜଣେ ବ୍ୟକ୍ତି ତାହାକୁ ବ୍ୟକ୍ତିଗତ ସମ୍ପତ୍ତି ବୋଲି ଦାବି କରିଛନ୍ତି। ଏଥିସହ ଜାଗା ଖାଲି କରିବାକୁ ସେ ପ୍ରଶାସନକୁ ଜଣାଇଛନ୍ତି। ଅନ୍ୟପକ୍ଷରେ ସେଠାରେ ବସବାସ କରୁଥିବା ଲୋକେ ଏହା ବେସରକାରୀ ଜାଗା ନୁହେଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ବିବାଦର ସମାଧାନ କରିବାପାଇଁ ପାରଳାଖେମୁଣ୍ଡି ତହସିଲ୍‌ଦାର ସେଠାରେ ପହଞ୍ଚିଥିଲେ। ଏ ବିଷୟରେ ତହସିଲଦାର କହିଛନ୍ତି, ସତ୍ୟାସତ୍ୟ ନେଇ ଅନୁସନ୍ଧାନ କରାଯିବା ପରେ ଉପଜିଲାପାଳଙ୍କୁ ରିପୋର୍ଟ ଦିଆଯିବ। ଉପଜିଲପାଳଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବ୍ୟାଙ୍କ ଧର୍ମଘଟ, ଗ୍ରାହକ ହନ୍ତସନ୍ତ

ଟିକିରି, ୧।୨(ଡ଼ି.ଏନ.ଏ): କର୍ମଚାରୀଙ୍କ ଦରମା ବୃଦ୍ଧି,ସପ୍ତାହକୁ ୫ ଦିନ କାର୍ଯ୍ୟ ଦିବସ, ପାରିବାରିକ ପେନ୍‌ସନ ଲାଗୁ ଆଦି ଦାବି ନେଇ ଦୁଇ ଦିନ ହେଲା ବ୍ୟାଙ୍କ ଦର୍ମଘଟ ଚାଲିଛି । ଫଳରେ ଗ୍ରାହକମାନେ ନାହିଁ ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାୟଗଡ଼ା ଜିଲା କାଶୀପୁର ବ୍ଲକର ଏସବିଆଇ, କାନାରା,ଆଇସିଆଇସିଆଇ ସମେତ ଅନ୍ୟ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି ।

### ଡେପୁଟି ଡାଇରେକ୍ଟରଙ୍କ ବିଭିନ୍ନ ସ୍କୁଲ ପରିଦର୍ଶନ

ଗୁଣପୁର, ୧।୨,(ଡି. ଏନ. ଏ) : ଗଣ ଶିକ୍ଷା ବିଭାଗର ଡ଼େପୁଟି ଡିରେକ୍ଟର ଅଭୟ ମଲ୍ଲିକ ଶନିବାର ଗୁଣପୁରର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। କେତେକ ସ୍କୁଲରେ ପିଲା ତୁଳନାରେ ଶିକ୍ଷକ ଅଧିକ ଥିବାରୁ ଅସେନ୍ତାଷ ପ୍ରକାଶ କରିଥିଲେ। ସେ ବଳରାମ ନଗର ପ୍ରାଥମିକ ବିଦ୍ୟାଳୟ, କପିଳପୁର ପ୍ରାଥମିକ ବିଦ୍ୟାଳୟ ସହ ଶହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ବ୍ଲକ ଶିକ୍ଷା ଅଧିକାରୀ ବେଣୁଧର ଜାଲି ଉପସ୍ଥିତ ଥିଲେ। ଗୁଣପୁର ବ୍ଲକରେ ୩ ବର୍ଷ ହେବ ଶିକ୍ଷକ ବଦଳି ହୋଇନାହିଁ। ଫଳରେ ଅଧିକାଂଶ ସ୍କୁଲରେ ଶିକ୍ଷକ ସଂଖ୍ୟା ଅଧିକ ରହିଥିବା ଜଣାଯାଇଛି। ୧୦୦ ରୁ ଅଧିକ ଶିକ୍ଷକ ଗୁଣପୁର ବ୍ଲକରେ କାର୍ଯ୍ୟରତ ଅଛନ୍ତି।



# ମାଓବାଦୀ ସାମଗ୍ରୀ ଜବତ



ଜବତ ହୋଇଥିବା ବନ୍ଧୁକ ସହ ବିଭିନ୍ନ ମାଓବାଦୀ ସାମଗ୍ରୀ।

ମୁନିଗୁଡା,୧।୨(ଡ଼ି.ଏନ.ଏ)

ରାୟଗଡ଼ା-କନ୍ଧମାଳ ସୀମାନ୍ତ ଚନ୍ଦ୍ରପୁର ଥାନା ଅଣ୍ଡେଙ୍ଗି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶନିବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମାଓବାଦୀଙ୍କ କ୍ୟାମ୍ପରୁ ୯ ବନ୍ଧୁକ, ୧୫ ଡିଟୋନେଟର, ୮ରାଉଣ୍ଡ ଅଫୁଟା ଗୁଳି, ୧୧ ଜିଲେଟିନ , ୧ କେଜି ୟୁରିଆ, ଗୋଟିଏ ବଣ୍ଡଲ ତାର, ୨ଟି ଟିଫିନ ବକ୍ସ ଆଦି ସାମଗ୍ରୀ ଜବତ ହୋଇଛି। ସିଆର୍‌ପିଏଫ୍ ଯବାନମାନେ ଶନିବାର ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିଲେ । ଅଣ୍ଡେଙ୍ଗି ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଠାବ କରିଥିଲେ । ଯବାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ସେଠାରୁ ଯବାନମାନେ ଉକ୍ତ ସାମଗ୍ରୀକୁ ଜବତ କରିଥିଲେ। ପରେ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ କଡ଼ାକଡ଼ି କରାଯାଇଛି। ଏହି କୋମ୍ବିଂ ଅପରେଶନରେ ୮ମ ବାଟାଲିୟନର ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ରାମ ଅବତାର ଭଲଟିଆ, ଟୁ ଆଇସି ଫ୍ରାନ୍ସିସ ର୍ଟିକୀ, ବିଜୟା ନନ୍ଦ ସ୍ୱରୂପ ପ୍ରମୁଖ ସାମିଲ ହୋଇଥିଲେ।





ଗୁଣପୁର ବଂଶଧାରା ବସନ୍ତ ମହୋତ୍ସବର ୩ୟ ସନ୍ଧ୍ୟାରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି। କୋଲକତାର କଣ୍ଠଶିଳ୍ପୀ ତିଲକ ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଅବ୍ୟବସ୍ଥାରେ ଥେରୁବାଲି ଷ୍ଟେଶନ



ଅଧାପନ୍ତରିଆ ହୋଇ ରହିଥିବା ପ୍ଲାଟଫର୍ମ।

ଥେରୁବାଲି,୧।୨:

ରାୟଗଡ଼ା ଜିଲା କୋଲନରା ବ୍ଲକ ଥେରୁବାଲି ଷ୍ଟେଶନରେ ଅବ୍ୟବସ୍ଥା ଦେଖାଦେଇଛି । ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଏଠାରେ ଶୌଚାଳୟ ଓ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଦୀର୍ଘ ୯ ମାସ ହେଲାଣି ପ୍ଲାଟଫର୍ମ ଭାଙ୍ଗି ନୂଆ କାମ ଆରମ୍ଭ ହୋଇଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୦ ପ୍ରତିଶତ କାମ ସରିନାହିଁ । ଏହି ଷ୍ଟେଶନ ଉପରେ ପ୍ରାୟ ୧୦ ଖଣ୍ଡ ଗ୍ରାମର ଯାତ୍ରୀ ନିର୍ଭର କରନ୍ତି । ଏଠାରେ ଟ୍ରେନ ଗୋଟିଏ ମିନିଟ୍ ରହଣି କରିବାର ସମୟ ରହିଛି । ତେଣୁ ଯାତ୍ରୀମାନେ ଟ୍ରେନରେ ଚଢିବା ଓ ଓହ୍ଲେଇବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମନ୍ଥର ଗତିରେ କାମ ଚାଲିଥିବା ନେଇ ଆଇଓଡ଼ବ୍ଲ୍ୟୁ ସୁବ୍ରତ ନାୟକଙ୍କୁ ପଚାରିବାରୁ, ଏ ସମସ୍ୟା ବିଷୟରେ ଅବଗତ ଅଛି । ଦୁଇ ମାସ ମଧ୍ୟରେ କାମ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କହିଛନ୍ତି ।

# ମହିଳାଙ୍କ ପାଇଁ ଆତ୍ମରକ୍ଷା ତାଲିମ ଜରୁରୀ





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୁଣପୁର ବିଡିଓ ଉଦ୍‌ବୋଧନ ଦେଉଛନ୍ତି।

ଗୁଣପୁର,୧।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରାସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜରେ ଅଧକ୍ଷ ଡ.କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଭାମିନୀସ୍ଥିତ ଆଇଆରବିଏନ୍ କମାଣ୍ଡାଣ୍ଟ ଯୁରିଆ ବେହେରା ଓ ଡେପୁଟି ସୁବେଦାର ପଦ୍ମଚରଣ ମହାଲିକ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧାପକ ରତିକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ପ୍ରଶିକ୍ଷଣ କେତେ ଜରୁରୀ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ହେମନ୍ତ କୁମାର ମଲିଫୁଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯସ୍ମିନା ଶବର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ରଶ୍ମିତା ଗମାଙ୍ଗ ବିଦାୟ ସଙ୍ଗୀତ ଗାନ କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ପଣ୍ଡୁର ଏବଂ ପ୍ରିୟଙ୍କା ପାଣିଙ୍କ ସହ ପରିଚାଳନା କମିଟି ସଭାପତି ବାସୁଦେବ ସାହୁକାର, ସମ୍ପାଦକ ଜଗବନ୍ଧୁ ଗମାଙ୍ଗ ଉପସ୍ଥିତ ଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ମାଝି, ଶ୍ରୀକାନ୍ତ ରଥ, ଅଧାପିକା ଗାୟତ୍ରୀ ବେହେରା, ସୂର୍ଯ୍ୟ କୁମାର ମଲିଫୁଲ, ଗଣେଶ ମଲିଫୁଲ, ସୁମନ ଶବର, ଜଗନ୍ନାଥ ସାହୁକାର, ରମେଶ ଜଟିଆ, ନୀଳମଣି ଅମ୍ରେଲି ଓ ବିରଞ୍ଚ ଶବର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାହିତ୍ୟ ବିଭାଗ ମୁଖ୍ୟ ରାମକୃଷ୍ଣ ସେନାପତି ଧନ୍ୟବାଦ ଦେଇଥିଲେ।

## ୩ କର୍ମଚାରୀଙ୍କୁ ବିଦାୟ ଅବସରକାଳୀନ ସମ୍ବର୍ଦ୍ଧନା

କୋଲନରା, ୧।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ୩ଜଣ ସରକାରୀ କର୍ମଚାରୀଙ୍କୁ ବିଦାୟ, ଅବସରକାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ମୁଖ୍ୟ କିରାଣୀ ସୁବାସ ଚନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ଛୁଆଳ ସିଂ ଓ ସୁମିତ୍ରା କୁମାରୀ ପାଣିଗ୍ରାହୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାଗତିକା ଛୁଆଳ ସିଂଙ୍କୁ ରାୟଗଡ଼ା ବ୍ଲକକୁ ଓ ସୁମିତ୍ରା କୁମାରୀ ପାଣିଗ୍ରାହୀଙ୍କୁ ରାମନାଗୁଡ଼ା ବ୍ଲକକୁ ବଦଳି କରାଯାଇଛି। ଏହି ସଭାରେ ବ୍ଲକ ଉପାଧ୍ୟକ୍ଷ ତେଜରାଗ ନାଗ୍, ସହକାରୀ ଯନ୍ତ୍ରୀ ରାଜକିଶୋର ପ୍ରଧାନ, ଜିପିଇଓ ପଦ୍ମଚରଣ ପାଢି, ବିଏସ୍‌ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ବରିଷ୍ଠ କିରାଣୀ ସୁବାସ ଚନ୍ଦ୍ର ଦାସ ୨୦୧୭ରେ ଏଠାରେ କାମ କରୁଥିବାବେଳେ ଯନ୍ତ୍ରୀ ସ୍ୱାଗତିକା ଛୁଆଳ ସିଂ ୨୦୧୧ରୁ ଓ ସୁମିତ୍ରା ପାଣିଗ୍ରାହୀ ୨୦୧୨ରୁ ଏଠାରେ ନିଯୁକ୍ତି ପାଇ ସୁଚାରୁ ରୂପେ ନିଜ ଦାୟିତ୍ୱ ତୁଲାଇ ଆସିଛନ୍ତି ବୋଲି ଅତିଥିମାନେ କହିଥିଲେ।





# ଦକ୍ଷତା ବୃଦ୍ଧିକରେ ବାର୍ଷିକ ଉତ୍ସବ

ପଦ୍ମପୁର, ୧।୨(ଡ଼ି.ଏନ.ଏ)

ମାନସିକ ତଥା ବୌଦ୍ଧିକ ଓ ଶାରୀରିକ ବିକାଶରେ ପ୍ରାଥମିକସ୍ତରରୁ ମୂଳଦୁଆ ପଡିଥାଏ । ଶୈକ୍ଷିକ ପରିବେଶରେ ଶିକ୍ଷାଦାନରେ ଗୁଣବତ୍ତା ହେବା ଦରକାର । ଏହା ସମସ୍ତ ନାଗରିକଙ୍କ ଦାୟିତ୍ୱ। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନେକ ପ୍ରତିଭାବାନ ଛାତ୍ରୀଛାତ୍ର ଅଛନ୍ତି । ଯାହାକି କେଉଁ ଇଂରାଜୀ ମାଧମ ବିଦ୍ୟାଳୟଠାରୁ ବି କମ୍ ନୁହନ୍ତି। ସରକାରୀ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ନେଇ ସରକାର ଅନୁଦାନ ଯୋଗାଇ ଦେଇଥାନ୍ତି। ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶନିବାର ପଦ୍ମପୁର ବ୍ଲକ ଅଧୀନ ବହୁପଦର ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଅତିଥିମାନେ ଏହା କହିଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟ ପ୍ରମୁଖ ତଥା ପ୍ରଧାନଶିକ୍ଷୟିତ୍ରୀ କୁନି କୁମାରୀ ଗୌଡ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ଉପଦେଷ୍ଟା ସୁଧୀର କୁମାର ଦାସ ମୁଖ୍ୟଅତିଥି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁର ତହସିଲଦାର ନୀଳମାଧବ ମାଝି, ପଦ୍ମପୁର ବିଡିଓ ଦୟାମୟ ପାଢୀ, ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ନାୟକ ସମ୍ମାନିତ ଅତିଥି, ଦ୍ୱିତୀଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିରେ ଗୋଦାବରୀ ରାଉତ, ଗଗନ ଆଚାର୍ଯ୍ୟ, ରଞ୍ଜିତ ପାଣିଗ୍ରାହୀ, କୈଳାସ କ୍ରାସ୍କା, ଅନିଲ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ,କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
-ଭଲ୍‌ଟାୟର



# ସଂକ୍ଷେପରେ

## ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଗସ୍ତ



**ବୋରିଗୁମ୍ମା,୧।୨(ଡି.ଏନ୍.ଏ.):** ବୋରିଗୁମ୍ମାସ୍ଥିତ ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟକୁ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶକ ସୁନ୍ଦରଲାଲ ସିଲ ପରିଦର୍ଶନରେ ଆସଛନ୍ତି। ଅନୁଷ୍ଠାନର ଉନ୍ନତି ଓ ପରିଚାଳନା କ୍ଷେତ୍ରରେ ମହାବିଦ୍ୟାଳୟର ଅଧକ୍ଷ ଓ କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ସହ ସେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଉନ୍ନତି ଓ ଅଗ୍ରଗତି ଜାରି ରଖିବା ପାଇଁ ଅଧାପକ ଓ କର୍ମଚାରୀମାନେ ଚେଷ୍ଟା ଜାରି ରଖିବାକୁ ଶିକ୍ଷା ନିର୍ଦ୍ଦେଶକ ସିଲ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାସହ ମହାବିଦ୍ୟାଳୟରେ ଚାଲିଥିବା ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା ଅନୁଧାନ କରିଥିଲେ। ଆସନ୍ତା ୩ରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ତେଣୁ ମହାବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ପରଖିବା ସହ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଦାଶରଥୀ ଗୌଡ଼, ଅଧାପକ ଅଶୋକ ଚୌହାନ, ସୁମନ୍ତ କୁମାର ସାହୁ, ଡ. ପ୍ରଦୀପ କୁମାର ସ୍ୱାଇଁ, ସୁନୀତି ପୃଷ୍ଟି, ଅଟଳ ବିହାରୀ ବାଜପେୟୀ, ନିହାରିକା ପଣ୍ଡା, ସୁଧାଂଶୁ ପଟ୍ଟନାୟକ ଉପସ୍ଥିତ ଥିଲେ।

## କୁନ୍ଦୁରା ବିଡିଓ ହେଲେ ସ୍ନେହପ୍ରଭା



**କୁନ୍ଦୁରା,୧।୨(ଡି.ଏନ୍.ଏ.):** କୋରାପୁଟ ଜିଲା କୁନ୍ଦୁରା ବ୍ଲକର ନୂତନ ବିଡିଓ ଭାବେ ଶନିବାର ସ୍ନେହପ୍ରଭା ମାଝି ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଲମତାପୁଟ ବ୍ଲକ ତହସିଲଦାର ଦାୟିତ୍ୱ ତୁଲାଉଥିଲେ। ପ୍ରକାଶ ଯେ, ଗଞ୍ଜାମ ଜିଲା ଆସ୍କା ବ୍ଲକ ବିଡିଓ ସତ୍ୟ ସୁନ୍ଦର ରାଉତଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ୨୦୧୯ ଡିସେମ୍ବର ୯ରେ କୁନ୍ଦୁରା ବ୍ଲକ ବିଡିଓ ଭାବେ ବଦଳି କରିଥିଲେ। କିନ୍ତୁ ସେ ଏଠାରେ ଯୋଗ ଦେଇ ନ ଥିଲେ। ଏହାପରେ ବୋରିଗୁମ୍ମା ଏବିଡିଓ ମାଧୁରୀ ଆଚାରୀ କୁନ୍ଦୁରା ବ୍ଲକ ଭାରପ୍ରାପ୍ତ ବିଡିଓ ଦାୟିତ୍ୱ ତୁଲାଉଥିଲେ। ଶନିବାର କୁନ୍ଦୁରା ବ୍ଲକର ସ୍ଥାୟୀ ବିଡିଓ ଭାବେ ସ୍ନେହପ୍ରଭା ଯୋଗ ଦେଇଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ



**ଦାମନଯୋଡ଼ି,୧।୨(ଡି.ଏନ୍.ଏ.):** ନାଲ୍‌କୋ ଟାଉନଶିପ ସେକ୍ଟର-୩ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମାଘ ସପ୍ତମୀ ଅବସରରେ ପ୍ରତିବର୍ଷ ଏଭଳି ନାମଯଜ୍ଞ କରାଯାଇଥାଏ। ଚଳିତ ବର୍ଷ ନାମ ଯଜ୍ଞରେ ସେକ୍ଟର-୩ ସମେତ ଭେଜାପୁଟ, ମାଥଲପୁଟ, ଅଣଜୋର, ଫଟାଗଡ଼ ସମେତ ଆଖପାଖ ଅଞ୍ଚଳରୁ ୧୨ଟି ଦଳ ସାମିଲ ହୋଇଥିଲେ। ଆନନ୍ଦବାବାଙ୍କ ତତ୍ତ୍ୱାବଧାନରେ ଗୌଡୀୟ ନୀତିରେ ପୂଜାକାର୍ଯ୍ୟ କରାଯାଇଥିଲା। ମନ୍ଦିର ପୂଜକ ଅଭିମନ୍ୟୁ ପଣ୍ଡା ଓ କୈଳାସ ଚନ୍ଦ୍ର ପଣ୍ଡା ସହଯୋଗ କରିଥିଲେ। ଧନୁର୍ଜୟ ପଣ୍ଡା ଓ ତାଙ୍କ ସ୍ତ୍ରୀ ଉର୍ମିଳା ବେହେରା କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଅଷ୍ଟପ୍ରହର କମିଟି ସଭାପତି ଲକ୍ଷ୍ମୀ ନାରାୟଣ ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ମୁନୀ, କୋଷାଧକ୍ଷ ମହେନ୍ଦ୍ର ଖଟୁଆ, ଅଲେଖ ଚନ୍ଦ୍ର ମହାକୁଡ଼, ପ୍ରସନ୍ନ ପାତ୍ର, ଅନାମ ଚରଣ ନାୟକ, ହରେନ୍ଦ୍ର ନାଥ ଗିରି, କୈଳାସ ମହାରଣା ଓ ପ୍ରଭାତ ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା।

# କ୍ୟାମେରାର ସତର୍କ ପହରାରେ ସହର

## ଜୟପୁର ଟାଉନଥାନା କଣ୍ଟ୍ରୋଲ ରୁମ୍‌ରେ ଉଦ୍‌ଘାଟନ କଲେ ବିଧାୟକ, ଏସ୍‌ପି

**ଜୟପୁର,୧।୨(ନି.ପ୍ର./ଡି.ଏନ୍.ଏ.)**

ବଢ଼ିଚାଲିଥିବା ଅପରାଧ ନିୟନ୍ତ୍ରଣ କରିବା ପାଇଁ ଶନିବାରଠାରୁ ସିସିଟିଭି କ୍ୟାମେରାର ସତର୍କ ପହରା ଭିତରେ ରହିବ ଜୟପୁର ସହର। ଏଥିପାଇଁ ସହରକୁ କ୍ୟାମେରାରେ ଛାଉଣି କରିଛି କୋରାପୁଟ ଜିଲା ପୋଲିସ। ଟାଉନଥାନା କଣ୍ଟ୍ରୋଲ ରୁମ୍‌ରେ ଶନିବାର ଏସ୍‌ପି ମୁକେଶ କୁମାର ଭାମୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି।

ଜୟପୁର ସହରରୁ ଅପରାଧ, ଚୋରି, ଟ୍ରାଫିକ, ଗଞ୍ଜେଇ ଚାଲାଣକାରୀଙ୍କ ଉପରେ ସତର୍କ ଦୃଷ୍ଟି ରଖିବ ସିସିଟିଭି କ୍ୟାମେରା। ସହରରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ୮୫ଟି କ୍ୟାମେରା ଖଞ୍ଜାଯାଇଛି। ସମୁଦାୟ ୯୨ଟି କ୍ୟାମେରା ସଂଯୋଗ କରାଯିବ । ୪ଟି ମନିଟର ମାଧମରେ ପରିଚାଳନା କରାଯିବା ସହ ଏହାର ୨୪ ଘଣ୍ଟିଆ ତଦାରଖ ଦାୟିତ୍ୱରେ ଜଣେ ପୋଲିସ କର୍ମଚାରୀ ନିୟୋଜିତ ରହିବେ। ଅନ୍ୟପକ୍ଷରେ ଜିଲାର ଜୟପୁର ସମେତ କୋରାପୁଟ, କୋଟପାଡ଼, କୋରାପୁଟ, ସେମିଳିଗୁଡ଼ା, ସୁନାବେଡ଼ା, ବୋରିଗୁମ୍ମା ଥାନା ଅଞ୍ଚଳରେ ସମୁଦାୟ ୧୯୦ଟି କ୍ୟାମେରା ସଂଯୋଗୀକରଣ କରାଯିବ। ଏଥିପାଇଁ ୭୦ ଲକ୍ଷ ଟଙ୍କା ଅଟକଳ କରାଯାଇଥିବା ନେଇ ଏସ୍‌ପି ଭାମୋ ସୂଚନା ଦେଇଛନ୍ତି। ଜୟପୁରରେ କ୍ୟାମେରା ସଂଯୋଗୀକରଣ ପାଇଁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବୋରିଗୁମ୍ମା ନିମନ୍ତେ ୧୨ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ବିଧାୟକ ବାହିନୀପତି ଘୋଷଣା କରିଛନ୍ତି । ଏହି ଅବସରରେ ଏସ୍‌ଡିପିଓ ଗୁଣ୍ଟପାଲି ବରୁଣ, ଉପଜିଲାପାଳ ଲୋକନାଥ ଦଳବେହେରା, ଟ୍ରେନି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦରଥାନା ଅଧିକାରୀ ଶିବ ଶଙ୍କର ସାହୁ ଉପସ୍ଥିତ ଥିଲେ।



ଜୟପୁର ବିଧାୟକ ଓ କୋରାପୁଟ ଏସ୍‌ପି ସିସିଟିଭି କ୍ୟାମେରା ଉଦ୍‌ଘାଟନ କରୁଛନ୍ତି।

- ଲାଗିଲା ୮୫ କ୍ୟାମେରା
- ଖର୍ଚ୍ଚ ହୋଇଛି ୩୫ ଲକ୍ଷ
- ଜିଲାରେ ଖଞ୍ଜାଯିବ ୧୯୦ କ୍ୟାମେରା





ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପୋଲିସର ସଚେତନତା କାର୍ଯ୍ୟକ୍ରମ

**ଜୟପୁର,୧।୨(ଡି.ଏନ୍.ଏ./ନି.ପ୍ର.)**

କୋରାପୁଟ ଜିଲା ପୋଲିସ ପକ୍ଷରୁ ଜୟପୁର ସାନ୍ଧ୍ୟ ଫଙ୍କସନ ହଲ୍‌ରେ ଶନିବାର ଉପଖଣ୍ଡସ୍ତରୀୟ ସଚେତନତା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ଏସ୍‌ପି ମୁକେଶ କୁମାର ଭାମୋ ଯୋଗ ଦେଇଛନ୍ତି। ଟ୍ରାଫିକ ସମସ୍ୟା, ନାରୀ ନିର୍ଯାତନା, ସାଇବର କ୍ରାଇମ, ଡାହାଣୀ ସନ୍ଦେହ ନେଇ ଅନ୍ଧ ବିଶ୍ୱାସ ପ୍ରସଙ୍ଗରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହରାଞ୍ଚଳ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ିଥିଲା ପୋଲିସ। ପ୍ରଲୋଭନ ଦେଖାଇ ଫୋନ ଓ ଇଣ୍ଟରନେଟରେ ନୀରହ ଲୋକଙ୍କୁ ଠକାଯାଉଛି। ଦିନକୁ ଦିନ ବଢୁଥିବା ସାଇବର କ୍ରାଇମ ନେଇ ସାଧାରଣ ଲୋକେ ସଚେତନ ହେବା ଜରୁରୀ ହୋଇପଡ଼ିଛି। ଅନ୍ୟତମ ବକ୍ତା ଭାବେ ଜୟପୁର ନାଗରିକ କମିଟିର ସାଧାରଣ ସଂପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ର ସହରର ଗୁରୁତର ଟ୍ରାଫିକ ସମସ୍ୟା ଓ ଅନ୍ୟ ଅପରାଧ ପ୍ରସଙ୍ଗ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଏସ୍‌ଡିପିଓ ଗୁଣ୍ଟାପାଲୀ ବରୁଣ, ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ନାଗରିକ କମିଟିର ସଭାପତି ମୀନକେତନ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୮୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଏସ୍‌ଡିପିଓ, ସଦରଥାନା ଅଧିକାରୀ ଶିବ ଶଙ୍କର ସାହୁ, ଏସ୍‌ଆଇ ସୀମା ପ୍ରଧାନ, ଯୁବକ, ଖବରଦାତା ରକ୍ତଦାନ କରିଥିଲେ। ଉଭୟ କାର୍ଯ୍ୟକ୍ରମ ଜୟପୁର ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।

# ଗୋଷ୍ଠୀ କ୍ଷୁଧା ନିବାରକଙ୍କୁ ତାଲିମ

**ଜୟପୁର,୧।୨(ନି.ପ୍ର.)**

ଜୟପୁରସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନରେ ଗୋଷ୍ଠୀ କ୍ଷୁଧା ନିବାରକଙ୍କ ପାଇଁ ୧୦ ଦିନ ଧରି ଚାଲିଥିବା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏଥିରେ ବୈପାରିଗୁଡ଼ା ବ୍ଲକ ମାଠପଡ଼ା ଓ ଦୋରାଗୁଡ଼ା ପଞ୍ଚାୟତର ୯୨ ଜଣ ଗୋଷ୍ଠୀ କ୍ଷୁଧା ନିବାରକ ୩ଟି ପର୍ଯ୍ୟାୟରେ ତାଲିମ ନେଇଥିଲେ। ଶିବିରର ଅନ୍ତିମ ଦିବସରେ ସେମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ସଚେତନତା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ଯୋଗଦେଇ ତାଲିମଧାରୀଙ୍କ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ହାତକୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମକୁ ଭବିଷ୍ୟତରେ ଉକ୍ତ ଅଞ୍ଚଳର ଅପପୁଷ୍ଟିକୁ ରୋକିପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହା ସହ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ, ପଶୁ ସଂପଦ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତରାଜ, ଜିଲା ଶିଳ୍ପକେନ୍ଦ୍ର, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏହି ଶିବିରରେ ନିଜ ବିଭାଗ ଅଧୀନରେ ଥିବା କଲ୍ୟାଣକାରୀ ଯୋଜନା ବିଷୟରେ ତାଲିମଧାରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଫାଉଣ୍ଡେଶନର ପ୍ରକଳ୍ପ ସଂଯୋଜକ ଅକ୍ଷୟ କୁମାର ପଣ୍ଡା ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ଗୋଷ୍ଠୀ କ୍ଷୁଧା ନିବାରକ କୁମାରୀ ଲଛମା କରଲିଆ ଧନ୍ୟବାଦ ଦେଇଥିଲେ।





ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ତାଲିମ ପାଇଁ ଏସ୍‌ଡିପିଓଙ୍କ ହାଇଦ୍ରାବାଦ ଗସ୍ତ

**ଜୟପୁର,୧।୨(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁରଠାରେ କାର୍ଯ୍ୟରତ ଯୁବ ଆଇପିଏସ୍ ଅଧିକାରୀ ତଥା ଏସ୍‌ଡିପିଓ ବରୁଣ ଗୁଣ୍ଟାପାଲୀ ଅଧିକ ତାଲିମ ଗ୍ରହଣ ପାଇଁ ହାଇଦ୍ରାବାଦ ଗସ୍ତ କରିଛନ୍ତି। ଆସନ୍ତା ୩ ମାସ ପର୍ଯ୍ୟନ୍ତ ସେ ସେଠାରେ ତାଲିମ ଗ୍ରହଣ କରିବେ । ତେଣୁ ଶନିବାର ଏସ୍‌ଡିପିଓ ବରୁଣଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ରିଲିଭ କରାଯାଇଛି । ଗତ ଅକ୍ଟୋବର ୩୦ ତାରିଖରେ ଜୟପୁର ଏସ୍‌ଡିପିଓ ଭାବେ ବରୁଣ ଯୋଗ ଦେଇଥିଲେ। ବର୍ତ୍ତମାନ ଜୟପୁର ଏସ୍‌ଡିପିଓ ଭାବେ କୋରାପୁଟ ମୁଖ୍ୟାଳୟ ଡିଏସ୍‌ପି ଡି.କେ. ସ୍ୱାଇଁ ଦାୟିତ୍ୱରେ ରହିବେ।

## ବିଷକ୍ରିୟା ଯୋଗୁ ଛେଳି ମଡ଼କ

**ପାରଳାଖେମୁଣ୍ଡି, ୧।୨(ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ପାଟିକୋଟା ଗ୍ରାମରେ ବିଷକ୍ରିୟା ଯୋଗୁ ୫ରୁ ଉର୍ଦ୍ଧ୍ୱ ଛେଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଛେଳି ଚାଷୀ ଛେଳିଗୁଡ଼ିକୁ ଗୁଲୁଗୁଲା ଖାଇବାକୁ ଦେଇଥିଲେ। ଏହା ପରେ ସେମାନଙ୍କ ଶରୀରରେ ପ୍ରତିକ୍ରିୟା ଦେଖାଦେଇଥିବା ଚାଷୀ କହିଛନ୍ତି। ତେବେ ଏ ବିଷୟରେ ପ୍ରାଣୀ ଚିକିତ୍ସା ବିଭାଗର ଜଣେ କର୍ମଚାରୀ କହିଛନ୍ତି, ଅନ୍ୟ ଛେଳିମାନେ ମଧ୍ୟ ଗୁଲୁଗୁଲା ଖାଇଥିବାବେଳେ ସେମାନଙ୍କର କିଛି ହୋଇନାହିଁ। ତେଣୁ ବାହାରେ କୌଣସି ସ୍ଥାନରେ ବିଷାକ୍ତ ଜିନିଷ ଖାଇ ବିଷକ୍ରିୟା ଘଟିଥାଇପାରେ ବୋଲି ସେ କହିଛନ୍ତି।



# ଉପଭୋକ୍ତା ଅଧିକାର ସୁରକ୍ଷା କମିଟି ବୈଠକ



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

**କାଶୀନଗର,୧।୨(ଡି.ଏନ୍.ଏ.)**

ଗଜପତି ଜିଲା ଉପଭୋକ୍ତା ଅଧିକାର ସୁରକ୍ଷା କମିଟି କାଶୀନଗର ଶାଖାର ଏକ ବୈଠକ ଶନିବାର ସ୍ଥାନୀୟ ବଂଶଧାରା ପାଠାଗାର ପରିସରରେ ଅନୁଷ୍ଠିତ ହୋଇଛି। ସଭାପତି ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପାଡାଲା ରାମବାବୁଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୱାଇ. ଧନଞ୍ଜୟଙ୍କ ପ୍ରସ୍ତାବକ୍ରମେ ବାଲି ଦର ଉପରେ ଆଲୋଚନା କରାଯାଇଥିଲା। ଗୃହ ନିର୍ମାଣ, ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଗୃହ ନିର୍ମାଣ ସକାଶେ ବାଲି ଉଠାଣ ପାଇଁ ନିର୍ଦ୍ଧାରିତ ମୂଲ୍ୟ କମ୍ କରିବା ନିମନ୍ତେ ତହସିଲ୍‌ଦାରଙ୍କ ନିକଟରେ ଦାବି ରଖିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ବଂଶଧାରା ନଦୀ କାଶୀନଗର ବ୍ଲକ୍ ଓ ଏନ୍ଏସି ଦେଇ ପ୍ରବାହିତ ହେଉଛି। ନିର୍ମାଣ କାର୍ଯ୍ୟ ପାଇଁ ଏହାର ବାଲି ସର୍ବୋତ୍କୃଷ୍ଟ ହୋଇଥିବାରୁ ଏଠାରୁ ପ୍ରତ୍ୟେକ ଦିନ ରାଜ୍ୟ ଏବଂ ରାଜ୍ୟ ବାହାରକୁ ବାଲି ଚାଲାଣ ହେଉଛି। ସେଣ୍ଟିମିଟର୍ ପିଛା ବାଲି ଦର ୩୫୦ ଟଙ୍କା ରହିଥିବାରୁ ଗୋଟିଏ ଟ୍ରାକ୍ଟର୍ ବାଲି ପାଇଁ କାଶୀନଗର ସହରବାସୀଙ୍କୁ ପ୍ରାୟ ଦୁଇ ହଜାର ଟଙ୍କା ଦେବାକୁ ପଡୁଛି। ସେହିପରି ବ୍ଲକ୍‌ର ବିଭିନ୍ନ ଗ୍ରାମବାସୀଙ୍କୁ ଏଥିପାଇଁ ୨ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦେବାକୁ ପଡୁଛି। ତେବେ ନିଜ ଅଞ୍ଚଳରେ ନଦୀ ଥାଇ ମଧ୍ୟ ବାଲି ପାଇଁ ଏତେ ଟଙ୍କା କାହିଁକି ଦେବାକୁ ପଡୁଛି ବୋଲି ଏଠାରେ ପ୍ରଶ୍ନ ଉଠିଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହରାଞ୍ଚଳରେ ଗୃହ ନିର୍ମାଣ ଲାଗି ୨ଲକ୍ଷ ଏବଂ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ ମାତ୍ର ୧ଲକ୍ଷ ୩୫ହଜାର ଟଙ୍କା ମିଳୁଥିବାବେଳେ ସେଥିରୁ ବାଲି ପାଇଁ ଜଣେ ବ୍ୟକ୍ତିଙ୍କୁ ୭୦ରୁ ୮୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ସେ ଘର ତିଆରି କେମିତି କରିବେ ବୋଲି ପ୍ରଶ୍ନ ଉଠିଛି। ତେଣୁ ପିଏମ୍‌ଏୱାଇ ଘର ନିର୍ମାଣ ପାଇଁ କେତେ ଟ୍ରାକ୍ଟର୍ ବାଲିର ଏଷ୍ଟିମେଟ୍ କରାଯାଉଛି, ସେ ନେଇ ବ୍ଲକ୍ ଓ ଏନ୍ଏସିର ଅନୁଜ ଯନ୍ତ୍ରୀମାନଙ୍କୁ ଲିଖିତଭାବେ ପଚାରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଘର ତିଆରି ପାଇଁ ବାଲି ସେଣ୍ଟିମିଟର୍ ପିଛା ୩୦ ଟଙ୍କା ଧାର୍ଯ୍ୟ କରିବାକୁ ଦାବି କରାଯିବ। ସେହିପରି ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ବିଲ୍ ପରିମାଣଠାରୁ ଅଧିକ ଟଙ୍କା ନ ଦେବା ପାଇଁ ଉପଭୋକ୍ତାଙ୍କୁ ଅଧିକ ସଚେତନ କରିବା ପାଇଁ ମତପ୍ରକାଶ ପାଇଛି। କମିଟିର ଗଜପତି ଜିଲା ସଭାପତି ପ୍ରଶାନ୍ତ ମିଶ୍ର ଓ ସମ୍ପାଦକ ଆର. ଲୋକନାଥମ୍ ବୈଠକରେ ଉପସ୍ଥିତ ଥିଲେ।

### ଓଡିଶା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତା

# ମାଥିଲିକୁ ହରାଇ ବାଲିମେଳା ବିଜୟୀ

**କୋରୁକୋଣ୍ଡା,୧।୨(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳା ଷ୍ଟାଡିୟମଠାରେ ଓସିଏ ପକ୍ଷରୁ ଜିଲାସ୍ତରୀୟ କ୍ରିକେଟ୍ କ୍ଲବ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୫ଟି କ୍ରିକେଟ୍ ଦଳ ଭାଗ ନେଉଛନ୍ତି। ୧୬ବର୍ଷରୁ ୧୯ବର୍ଷ ମଧ୍ୟରେ ହେଉଥିବା ଏହି ପ୍ରତିଯୋଗିତାର। ପ୍ରଥମ ଦିନରେ ବାଲିମେଳା ଓ ମାଥିଲି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମାଥିଲି ଦଳ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲେ। ସେହିପରି ବାଲିମେଳା ଦଳ ୩୭ ଓଭରରେ ୨୩୦ରନ କରି ମ୍ୟାଚ ଜିତି ନେଇଥିଲା। ବାଲିମେଳାର ଆଶିଷ୍ ଦାଶ ୮୬ରନ କରି ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ମ୍ୟାଚରେ ଅମ୍ପାୟାର ରୂପେ ଶଙ୍କର ଖିତି ଓ ସମୀର ଜେନା ଥିଲେ । ବାଲିମେଳା କ୍ରିକେଟ୍ ଆସୋସିଏଶନ ପ୍ରତିଯୋଗିତା ପରିଚାଳନା କରୁଛି। ଏହ ପ୍ରତିଯୋଗିତା ୫ଦିନ ଧରି ଚାଲିବ ବୋଲି ଜଣାପଡିଛି । ଏହି ମ୍ୟାଚରୁ ମନୋନୀତ ଖେଳାଳି ରାଜ୍ୟ ସ୍ତରରେ ଖେଳିବେ ବୋଲି ଜିଲା କ୍ରିକେଟ୍ ଆସୋସିଏସନ ସଭାପତି ଏମଡି ଫାରୁକ କହିଛନ୍ତି। ଉଦଘାଟନୀ ଉତ୍ସବରେ ଜିଲା କ୍ରିକେଟ୍ ଚୟନକର୍ତ୍ତା ଏସ. ପ୍ରସାଦ ରାଓ, ବାବୁଲା ସାହୁ, ପପୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ବାଲିମେଳା କ୍ରିକେଟ୍ ଆସୋସିଏଶନ ସଭାପତି ରବିରଶ୍ମି ଗୁରୁ, ଆଲୋକ ମହାପାତ୍ର, ଅଶ୍ୱିନ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୨ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଦାମନଯୋଡ଼ି,୧।୨(ଡି.ଏନ୍.ଏ.)**

ନାଲ୍‌କୋ ଟାଉନଶିପ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସେକ୍ଟର-୩ ପ୍ରାଥମିକ ବିଭାଗ ପୂର୍ବତନ ପର୍ଯ୍ୟାୟ ପ୍ରମୁଖ ସବିତା ପାଣିଗ୍ରାହୀ ଓ ସହକାରୀ ଶିକ୍ଷକ କୃପାସିନ୍ଧୁ ଦାସଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ୧୯୮୮ରେ ସବିତା ପାଣିଗ୍ରାହୀ ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ବିଦ୍ୟାମନ୍ଦିରରେ ଯୋଗ ଦେଇଥିଲେ। ସେ କର୍ତ୍ତବ୍ୟପରାୟଣ, ମେଳାପି ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ। ସେହିଭଳି କୃପାସିନ୍ଧୁ ଦାସ ୧୯୯୨ରେ ବିଦ୍ୟାମନ୍ଦିରରେ ଯୋଗ ଦେଇଥିଲେ। ସେ ମଧ ଜଣେ ଛାତ୍ର ବତ୍ସଳ ଶିକ୍ଷକ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲ ପରିଚାଳନା କମିଟି ସମ୍ପାଦକ ଅଶୋକ ନାୟକ କହିଥିଲେ। ବିଦ୍ୟାମନ୍ଦିର ଅଧକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ପରିଚାଳନା କମିଟି ପକ୍ଷରୁ ଉଭୟଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ସବିତା ପାଣିଗାହୀଙ୍କ ସ୍ୱାମୀ କେଦାର ଖଡ଼୍‌ଗରାୟ ଓ ଶିକ୍ଷକ ସୁବାସ ଚନ୍ଦ୍ର ଦାସଙ୍କ ସ୍ତ୍ରୀ ସତ୍ୟଭାମା ଉପସ୍ଥିତ ଥିଲେ। ଡ. ଅଶୋକ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଇଟାଭାଟି ରହିବା ପ୍ରସଙ୍ଗ

# ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ମାନିଲେନି ଜମି ମାଲିକ

**ଜୟପୁର,୧।୨(ଡି.ଏନ୍.ଏ.)**

ଜୟପୁର ବ୍ଲକ ବାରିଣିପୁଟ ପରଜାସାହି ଅଙ୍ଗନୱାଡି କେନ୍ଦ୍ର ଚାଷଜମି ମଧ୍ୟସ୍ଥଳରେ ରହିଛି। ଏହାର ସମ୍ମୁଖ ଓ ଆଖପାଖରେ ବେଆଇନ ଭାବେ ଧାନଚଷୁ ଦ୍ୱାରା ମାଟିଇଟା ପୋଡ଼ାଯାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ପାଇଥିଲା। ଇଂରାଜୀ ଦୈନିକ 'ଓରିଶାପୋଷ୍ଟ'ରେ ଗତ ୨୦ ତାରିଖରେ ପ୍ରକାଶିତ ଖବରକୁ ନେଇ ଉପଜିଲାପାଳ ଲୋକନାଥ ଦଳବେହେରା ତଦନ୍ତ ସହ ତୁରନ୍ତ ଉକ୍ତ ଇଟାଭାଟି ହଟାଇବାକୁ ତହସିଲ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇଦିନ ତଳେ ତହସିଲ ଅଫିସ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଇଟାଭାଟି ହଟାଇବାକୁ ଜମି ମାଲିକଙ୍କୁ କହିଥିଲେ। ଜମି ମାଲିକ କେବଳ ବିଦ୍ୟାଳୟର ବାରଣ୍ଡାକୁ ଲାଗିରହିଥିବା ଇଟାଭାଟିକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇ ଉକ୍ତ କେନ୍ଦ୍ରରୁ ମାତ୍ର ୧୦ରୁ ୨୦ ଫୁଟ ମଧ୍ୟରେ ଅନ୍ୟ ଇଟାଭାଟି ଆରମ୍ଭ ହୋଇଛି। ଧାନଚଷୁ ଦ୍ୱାରା ଇଟା ପୋଡ଼ାଯାଉଥିବାରୁ ଏହା ପ୍ରଦୂଷଣର କାରଣ ହେବା ସହ ଅଙ୍ଗନୱାଡ଼ିର କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେବ। ତେଣୁ ଉକ୍ତ ଇଟାଭାଟିକୁ ବନ୍ଦ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ଘଟଣା ନେଇ ଗତ ଜାନୁୟାରୀ ୨୦ରେ 'ଧରିତ୍ରୀ' ଓ 'ଓରିଶାପୋଷ୍ଟ'ରେ ଖବର ପ୍ରକାଶ ପାଇଥିଲା।



ଅଙ୍ଗନୱାଡି କେନ୍ଦ୍ର ଆଗରେ ପୁନର୍ବାର ଇଟାଭାଟି କରାଯାଇଛି।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୨ ଫେବୃୟାରୀ , ୨୦୨୦



ନିଜର ପାପ କର୍ମ ପାଇଁ ମୁନଷ୍ୟଙ୍କୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡେ।
-ମହାବୀର ଜୈନ



**ସଂକ୍ଷେପରେ**

## ନାବାଳିକା ବିବାହ ରୋକିଲା ପ୍ରଶାସନ

ନବରଙ୍ଗପୁର,୧।୨(ବି.ପ୍ର):ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବେଶ୍ରୀଝରନ ଗ୍ରାମରେ ଜଣେ ନାବାଳିକା ବିବାହ ଗତ ମଙ୍ଗଳବାର ନବରଙ୍ଗପୁର ଜିଲା ପ୍ରଶାସନର ଶିଶୁ ସୁରକ୍ଷା ବିଭାଗ ରୋକିଛି। ନାବାଳିକାଙ୍କୁ ୧୫ ବର୍ଷ ହୋଇଥିବା ବେଳେ ଅଷ୍ଟମ ଶ୍ରେଣୀରୁ ପାଠ ପଢା ବନ୍ଦ କରି ଦିଆଯାଇଛି। ୨ ବର୍ଷ ତଳେ ନାବାଳିକାଙ୍କ ମା'ର ମୃତ୍ୟୁ ଘଟିଥିଲା। ନାବାଳିକାଙ୍କ ବିବାହ ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ଝରିଗାଁ ସିଡିପିଓ ଆର. ବାସନ୍ତି ଶିଶୁ ସୁରକ୍ଷା ବିଭାଗର ପରିବୀକ୍ଷଣ ଅଧିକାରୀ କିଶୋର ମାର୍ଥାଙ୍କୁ ଅବଗତ କରାଇଥିଲେ। କିଶୋର ମାର୍ଥା, ସାମାଜିକ କର୍ମୀ ମନୋରମା ମାଝି, ସିଡିପିଓ ଆର ବାସନ୍ତି, ପୋଲିସ ଏସଆଇ ସନ୍ତୋଷ ମାଝି ଏବଂ ଭାରତୀ ମହାନ୍ତି ପହଞ୍ଚି ଗ୍ରାମର ମୁଖ୍ୟ ଲୋକଙ୍କ ଉପସ୍ଥିତିରେ ନାବାଳିକା ବିବାହ ନ କରିବା ପାଇଁ ଆଲୋଚନା କରିଥିଲେ। ନାବାଳିକା ବିବାହ ଆଇନ ସମ୍ମତ ନୁହେଁ। ନାବାଳିକା ବିବାହର କୁପରିଣିତି ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପରେ ନାବାଳିକାଙ୍କୁ ୧୮ ବର୍ଷ ପୂରଣ ହେବା ପରେ ସ୍ଥିରିକୃତ ଗ୍ରାମରେ ବିବାହ କରାଯିବ ବୋଲି ମାତାପିତା ଓ ଗ୍ରାମବାସୀ ପ୍ରତିଶ୍ରୁତି ଦେଇଥିଲେ।

## ଭାଗବତ ପ୍ରବଚନ କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୧।୨(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡା ଜଗନ୍ନାଥ ସେବା ସମିତି ଆନୁକୂଲ୍ୟରେ ଦଶମ ବାର୍ଷିକ ଅବସରରେ ଏକ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରୀରୁ ଶ୍ରୀପାଦ ବଂଶୀବଦନ ଦାସ ବ୍ରହ୍ମଚାରୀ ଭାଗବତର ବିଭିନ୍ନ କଥାବସ୍ତୁ ଉପରେ ପ୍ରବଚନ ଦେଉଛନ୍ତି । ପ୍ରତ୍ୟେକ ଦିନ ସକାଳେ ୮ଟାରେ ଶହେ ପିଲାମାନଙ୍କୁ ଗୀତା ଶିକ୍ଷାଦାନ ଦିଆଯାଉଛି । ଜଗନ୍ନାଥ ସେବା ସମିତି ଜମାଦାରପଡା ଆନୁକୂଲ୍ୟରେ ଜଗନ୍ନାଥ ସେବକ ରମେଶ ଚୌହ୍ୱାନ ଓ ଜଗନ୍ନାଥ ଶତପଥୀ କ୍ଲବର ୪୨ଟି ଗ୍ରାମରେ ଭାଗବତ ଟୁଙ୍ଗୀ ଗଠନ କରିଛନ୍ତି। ଏହାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।ଆଗାମୀ ଦିନରେ ବ୍ଲକର ସମସ୍ତ ଗ୍ରାମରେ ଭାଗବତ ଟୁଙ୍ଗୀ ଗଠନ ସହ ଭାଗବତର ପ୍ରଚାର ପ୍ରସାର କରାଯିବ ବୋଲି ସୂଚନା ଦିଆଯାଇଥିଲା ।

## ଶିଶୁ ସୁରକ୍ଷା ତାଲିମ ଶିବିର



ନବରଙ୍ଗପୁର,୧।୨(ବି.ପ୍ର): ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟଙ୍କ ଭୂମିକା ସମ୍ବନ୍ଧୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମରେ ଏବିଡିଓ, ଜିପିଓ, ଏଇଓ, ସିଡିପିଓ, ସାଧନକର୍ମୀ ମନୋରମା ମାଝି, ଡିସିପିଓ ସୁରେଶ କୁମାର ପଟ୍ଟନାୟକ, ଏଲପିଓ କିଶୋର ଚନ୍ଦ୍ର ମାର୍ଥା ପ୍ରମୁଖ ମଞ୍ଚାସୀନ ରହି ଶିଶୁ ଅଧିକାର ଓ ସୁରକ୍ଷା, ବାଲ୍ୟ ବିବାହ ନିରାକରଣ, ଯୌନ ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷାସମ୍ପର୍କରେ ସଦସ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସରପଞ୍ଚ, ସମିତି ସଭ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ସୁପରଭାଇଜର, ଅଙ୍ଗନୱାଡି ପ୍ରମୁଖ ସାଧାନ କର୍ମୀ ମନୋରମା ମାଝିଙ୍କ ଠାରୁ ତାଲିମ ନେବା ସହ ପୁସ୍ତିକା ଗ୍ରହଣ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ବୋଲେରୋ

ପାପଡାହାଣ୍ଡି, ୧।୨(ଡି.ଏନ.ଏ): ପାପଡାହାଣ୍ଡି-ଉମରକୋଟ ରାସ୍ତାର ଫଟକି ଦଂଡା ନିକଟରେ ଶନିବାର ଏକ ବୋଲେରୋ (ନଂ.ଓଆର୨୪ବି-୪୩୬୪)ଭାରସାମ୍ୟ ହରାଇ ଓଲଟି ପଡିଛି। ଏଥିରେ ଯାଉଥିବା ୬ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଉମରକୋଟ ଅନ୍ତର୍ଗତ ଦେଓପୁର ଗାଁର ସନାଧର ବିଷୋୟୀ, ଦିନବନ୍ଧୁ ଗୌଡ଼, ଭାଗିରଥି ବିଷୋୟୀ, ରତନ ବିଶୋୟୀ,ଉଦୟ ସିଂ ବିଷୋୟୀ, ରଘୁନାଥ ବିଷୋୟୀ, ବଳରାମ ଗୌଡ଼ ଉମରକୋଟ ରୁ ଏକ ବୋଲେରୋ ଭଡ଼ାରେ ନେଇ ନବରଙ୍ଗପୁର ଖ୍ରୀଷ୍ଟିୟାନ ମେଡିକାଲକୁ ଯାଉଥିଲେ। ହଠାତ ବୋଲେରୋ ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡିଥିଲା । ପାପଡାହାଣ୍ଡି ପୋଲିସ ପହଞ୍ଚି ଆହାତମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ମଣ୍ଡଳ ଭୀମା ବିବାହ ଉତ୍ସବ



ଦେବଦେବୀଙ୍କ କୁର୍ସି ଓ ଲାଠିକୁ ପୂଜାର୍ଚ୍ଚନା କରାଯାଉଛି।



କାଳିଶିଙ୍କୁ କଣ୍ଟାଦୋଳିରେ ଝୁଲାଯାଉଛି।

ଚନ୍ଦାହାଣ୍ଡି,୧।୨(ଡି.ଏନ୍.ଏ.)

ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବ ମଣ୍ଡଳ ଭୀମାଙ୍କ ବିବାହ ଉତ୍ସବ ମହାସମାରୋହରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ପାରମ୍ପରିକ ରୀତିନିତି ଏବଂ ଦେବାଦେବୀଙ୍କ ପୂଜାର୍ଚ୍ଚନା ଏବଂ ନାଚଗୀତ ଦେଖିବାକୁ ଜନସାଧାରଣଙ୍କ ବେଶ ଭୀଡ଼ ଜମୁଛି । ବ୍ଲକର ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଶହେ ବର୍ଷ ପରେ ପୁଣିଥରେ ଏହି ଅଞ୍ଚଳର ଆରାଧ୍ୟ ଦେବତା ମଣ୍ଡଳ ଭୀମାଙ୍କ ବିବାହ ଉତ୍ସବ କରାଯାଉଥିବା ଆୟୋଜନ କମିଟି ପକ୍ଷରୁ ସୂଚନା ମିଳିଛି । ଶୁକ୍ରବାର ଅଞ୍ଚଳର ଚାରୋଟି ଦିଗରେ ଥିବା ଅଧିଷ୍ଠାତି ଦେବୀ ଦଳବେଡାର ପାହାଡ଼ଦି, ପାଟଖଲିଆର ପାଟେନଦେବୀ, ତେନ୍ତୁଳିପଡାର ଖାଲଗଡିଆଣି, ମୋତିଗାଁର ଖମ୍ବେଶ୍ୱରୀଙ୍କ ଲାଠି, କୁର୍ସି, ବିମାନ ଆସିବା ପରେ ତାଙ୍କୁ ପାଛୋଟି ଅଣାଯାଇଥିଲା । ମଣ୍ଡଳ ଭୀମାଙ୍କ ବିବାହ ଆସ୍ଥାନରେ ତାଙ୍କୁ ମହିଳାମାନେ ବନ୍ଦାପନା ଦେଇଥିଲେ । ଶହେ ବର୍ଷରେ ଥରେ ହେଉଥିବା ଜନଜାତିଙ୍କ ପରମ୍ପରାର ଝଲକ ଏହି ବିବାହ ଉତ୍ସବ ଦେଖିବା ଏବଂ ଦେବୀଦେବତାଙ୍କ ଆର୍ଶିବାଦ ନେବା ପାଇଁ ବହୁ ଶ୍ରଦ୍ଧାଳୁ ଯୋଗଦେଇଛନ୍ତି । ଛୋଟ ଛୋଟ ଝିଅ ଏବଂ ପୁଅମାନଙ୍କୁ କାଳିଶି ଲାଗି ହେବା ଏବଂ ସେମାନଙ୍କ ନୃତ୍ୟ ଏବଂ ଦେବତାମାନଙ୍କ କଣ୍ଟାଦୋଳିରେ ବସି ଝୁଲିବା ଦୃଶ୍ୟ ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରୁଛି । କାର୍ଯ୍ୟକ୍ରମ ୪୫ ଦିନ ଧରି ଚାଲିବାକୁ ଥିବା ବେଳେ ବ୍ଲକର ବିଭିନ୍ନ ଗ୍ରାମର ଦେବୀଦେବତାଙ୍କ ଲାଠି ପହଞ୍ଚିବାରେ ଲାଗିଛି । କାର୍ଯ୍ୟକ୍ରମକୁ ମଣ୍ଡଳ ଭୀମା ପରିଚାଳନା କମିଟି ସଭାପତି ମାର୍କେଣ୍ଡ ପୂଜାରୀ, ସମ୍ପାଦକ ଲଛମନ ପୂଜାରୀ ତଥା ଗ୍ରାମବାସୀ ପରିଚାଳନା କରୁଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ମଣ୍ଡଳ ଭୀମା ଅନ୍ନପ୍ରସାଦ ବଣ୍ଟନ କରାଯାଉଛି ।

# ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

ଚନ୍ଦାହାଣ୍ଡି, ୧।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଳବେଡାଠାରେ ବିଏସଏଫ ତରଫରୁ ଶନିବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଏସଏଫ ଡେପୁଟି କମାଣ୍ଡାଣ୍ଟ ରାଜୀବ ରଞ୍ଜନ ଏବଂ ସମ୍ମାନିତ ଅତିଥି ଦଳବେଡା ସରପଞ୍ଚ ସସ୍ମିତା ମାଝି ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଜନସାଧାରଣ କିଭଳି ଭାବେ ଶାନ୍ତିରେ ବସବାସ କରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଗ୍ରାମରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ପଚାରି ବୁଝିଥିଲେ । ଏହି ଶିବିରରେ ଉପସ୍ଥିତ ୫୦୦ଜଣ ମହିଳା ପୁରୁଷଙ୍କୁ କମ୍ବଳ, ଶାଢି, ଲୁଙ୍ଗି, ଛତା, ମଶାରି, କୁର୍ସି, ଟେବୁଲ, ଚପଲ, ଡ୍ରମ, ପାଣିଟାଙ୍କି ଏବଂ ରୋଷେଇ ଉପକରଣ ବଣ୍ଟନ କରିଥିଲେ । ସେହିପରି ଗ୍ରାମର ଯୁବକମାନଙ୍କୁ ଭଲିବଲ, ଫୁଟବଲ, ନେଟ ପ୍ରଭୃତି ବଣ୍ଟନ କରାଯାଇଥିଲା । ଏଥିରେ ୪୦ଜଣ ଯବାନ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜଣେ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

# ବ୍ୟାପୁଛି ମିଳିମିଳା, ୧୨ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଗୁଣିଆ ଡାକି କରୁଛନ୍ତି ଝଡା ଫୁଙ୍କା**



ମିଳିମିଳାରେ ଆକ୍ରାନ୍ତ ଲୋକମାନେ।

ପାପଡାହାଣ୍ଡି/ମଇଦଲପୁର, ୧।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗାଦବା କତରା ପଞ୍ଚାୟତ ସଦରମହକୁମାରେ ଗତ ୨ ମାସ ହେଲା ମିଳିମିଳା ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ଗ୍ରାମରେ ୧୨ ଜଣ ଆକ୍ରାନ୍ତ ହୋଇରହିଛନ୍ତି। ତେବେ ଡାକ୍ତରଖାନା ଯିବା ପରିବର୍ତ୍ତେ ଗାଦବା ସାହି ଓ ଧୋବା ସାହି ଲୋକେ ଗୁଣିଆ ଡକାଇ ଝଡା ଫୁଙ୍କା କରୁଛନ୍ତି । ପରିବାର ଲୋକେ ଦୈନିକ ସେମାନଙ୍କୁ ଝୁଣା ଦୀପ ଧୂପ ଦେଇ ଚିକିତ୍ସା ଚଳାଇଛନ୍ତି। ରୋଗକୁ ନେଇ ଗ୍ରାମରେ ଭୟର ବାତବରଣ ଖେଳିଯାଇଛି। ସୂଚନା ଅନୁଯାୟୀ ଗତ ୨ ମାସ ତଳେ ଗାଦବା କତରା ଗ୍ରାମରେ ମିଳି ମିଳା ଆରମ୍ଭ ହୋଇଥିଲା। ଲୋକେ ଧ୍ୟାନ ନ ଦେବା ଯୋଗୁଁ ତାହା ଆସ୍ତେ ଆସ୍ତେ ଜଣକୁ ଜଣ ମାଡିଚାଲିଛି । ଗାଦବା ସାହିର ଦାମଦର ଗାଦବା, ବୈଦ୍ୟନାଥ ଗାଦବା, ଲଖମଣ ଗାଦବା, ଲିପକ ଗାଦବା, ଆକାଶ ଗାଦବା, ଗିରିଧର ଗାଦବା, ଗୌରୀ ଗାଦବା, କ୍ରିଷ୍ଣା ଗାଦବା, ଲେବ ଗାଦବା, ତୁଳସୀ ଗାଦବା, ଦୀନେଶ ନାୟକ ପ୍ରମୁଖ ବର୍ତ୍ତମାନ ଆକ୍ରାନ୍ତ ହୋଇ ଘରୋଇ ଚିକିତ୍ସା କରୁଛନ୍ତି । ବ୍ୟାପିବାର କାରଣ ଜଣା ପଡ଼ିନାହିଁ । ଗୁରୁବାର ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଆସି ଔଷଧ ଦେଇଥିବା ଲୋକେ କହିଛନ୍ତି। ତେବେ ଔଷଧ ଖାଇଲେ ମିଳି ମିଳା ଅଧିକ ହେବ ବୋଲି ଲୋକେ ଔଷଧ ସେବନ କରିବାକୁ ନାରାଜ ହେଉଛନ୍ତି । ପ୍ରଶାସନ ତରଫରୁ ଶୀଘ୍ର ପ୍ରତିକାର ଲାଗି ନିବେଦନ କରିଛନ୍ତି ।

## ବରିଷ୍ଠ ନାଗରିକ ସଂଘର ବଣଭୋଜି

ନବରଙ୍ଗପୁର,୧।୨(ବି.ପ୍ର)

ପାପଡାହାଣ୍ଡି ମୃଗ ବିହାରଠାରେ ଶନିବାର ବରିଷ୍ଠ ନାଗରିକ ସଂଘର ଏକ ବଣଭୋଜି ଆୟୋଜିତ ହୋଇଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ର ମୂଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ସଂଘର ସଭାପତି ଡ ରାଧାନାଥ ବେହେରା ନବରଙ୍ଗପୁର ସହରରେ ବରିଷ୍ଠ ନାଗରିକଙ୍କ ପାଇଁ ଜାଗା ପ୍ରଦାନ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ସମାଜସେବୀ ଜଗନ୍ନାଥ ମହାପାତ୍ର , ସାହିତ୍ୟିକ ତଥା ନିଗମାନନ୍ଦ ଆଶ୍ରମର ସଭାପତି ନାରାୟଣ ପଣ୍ଡା,ନିରଞ୍ଜନ ମିଶ୍ର, ଗୋପବନ୍ଧୁ ବିଷୋୟୀ ସମେତ ପ୍ରାୟ ୮୦ ଜଣ ସଭ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପ ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ,ସାଧାରଣ ସଂପାଦକ ବି. ରାମମୂର୍ତ୍ତୀ ପଟ୍ଟନାୟକ,ସଂପାଦକ ଲକ୍ଷ୍ମୀକାନ୍ତ ମିଶ୍ର ସମେତ କାର୍ଯ୍ୟକାରିଣୀ ସଭ୍ୟମାନେ ସହଯୋଗ କରିଥିଲେ।

# ମୋବିଲାଇଜରଙ୍କୁ ନେଇ ଜିଲାସ୍ତରୀୟ କର୍ମଶାଳା

ଡାବୁଗାଁ,୧।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ କୌଶଳ ବିକାଶ କେନ୍ଦ୍ର ଠାରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ତରଫରୁ ମୋବିଲାଇଜରମାନଙ୍କୁ ନେଇ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇ ପିଲା ମାନେ କେବଳ ସିଲେଇ ଛାଡି ଅନ୍ୟ ବିଭାଗରେ ଆଗ୍ରହ ଦେଖାଇବା ଦରକାର। ଯେଉଁ ପିଲାମାନେ ନିଯୁକ୍ତି ମେଳା ମାଧ୍ୟମରେ ବାହାରକୁ ଯାଇ ଭଲ ରୋଜଗାର କରୁଛନ୍ତି ସେ ପିଲାମାନଙ୍କ ନାମ ଅନ୍ୟ ପିଲା ମାନେ ଜାଣିବା ଦରକାର। ଯାହା ଦ୍ୱାରା ଅନ୍ୟ ପିଲାମାନଙ୍କର ଆଗ୍ରହ ବୃଦ୍ଧି ପାଇବ ବୋଲି କହିଥିଲେ । ଏହା ସହ ଏବେଠାରୁ ଏହି କୌଶଳ ବିକାଶ କେନ୍ଦ୍ର ଠାରେ ସମସ୍ତ ତାଲିମ କାର୍ଯ୍ୟକ୍ରମ ହେବ ସହ ରାତ୍ରି ଯାପନ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ଏଥିରେ ଓରମାସ ଜିଲା ସିଇଓ ଏ. ଉମା ମହେଶ, ଦକ୍ଷତା ବିକାଶ ଜିଲା ସଂଯୋଜକ ଅଲିନବିନ୍ଦୁ ରାଉତରାୟ,ଡିଡିୟୁ-ଜିକେୱାଇ ପ୍ରଶିକ୍ଷକ ସନ୍ତୋଷ କୁମାର ଷଡଙ୍ଗୀ,କେନ୍ଦ୍ର ପରିଚାଳକ ବିପ୍ଳବ କୁମାର ଜେନା ଓ ସ୍ମୃତିରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇ ଥିଲେ। ଯୁବତୀ ଯୁବକ ଓ ତାଙ୍କର ଅଭିଭାବକ ମାନଙ୍କୁ ମୋବିଲାଇଜେସନ କରିବାର ପଦ୍ଧତି, ଅନୁସୂଚିତ ଜନଜାତି, ଜାତି ଓ ଦିବ୍ୟାଙ୍ଗ ମାନଙ୍କ ଉପରେ ଫୋକସ କରିବା, ମୋବିଲାଇଜର ମାନଙ୍କ ପାଇଁ ଥିବା ସୁବିଧା ଉପରେ ଆଲୋକପାତ କରଯାଇଥିଲା । ଏଥିରେ ଡାବୁଗାଁ ଏବିଡିଓ ପଦ୍ମନାଭ ତ୍ରିପାଠୀ ଉପସ୍ଥିତ ଥିଲେ । ଏଥିରେ ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ, ମିସନ ଶକ୍ତି ବ୍ଲକ ସଂଯୋଜକ ଓ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ, ବ୍ଲକ ସୋସିଆଲ ଅଡିଟର ମାନେ ଅଂଶ ଗ୍ରହଣ କରିଥିଲେ । ଶନିବାର ଏହି କର୍ମଶାଳା ଉଦଯାପିତ ହୋଇଛି।




କର୍ମଶାଳାରେ ଜିଲାପାଳଙ୍କ ସହ ଅନ୍ୟମାନେ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ଅଶ୍ରୁଳ ବିଦାୟ

ଚନ୍ଦାହାଣ୍ଡି, ୧।୨(ଡି.ଏନ.ଏ.)



ଅବସରପ୍ରାପ୍ତ ଶିକ୍ଷକଙ୍କୁ ଛାତ୍ରୀଛାତ୍ରମାନେ ଗ୍ରାମ ପର୍ଯ୍ୟନ୍ତ ଛାଡିବାକୁ ଯାଉଛନ୍ତି।

ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ କିଭଳି ଅନାବିଳ ସମ୍ପର୍କ ରହିଥାଏ ତାହା ଦେଖିବାକୁ ମିଳିଛି ଜଣେ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ। ଛାତ୍ରୀଛାତ୍ରମାନେ କାନ୍ଦି କାନ୍ଦି ଉକ୍ତ ଶିକ୍ଷକଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତ ଅନ୍ତର୍ଗତ ମାଲଖୁରିଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି । ସେଠାରେ ପ୍ରଧାନଶିକ୍ଷକ ଭାବେ ନୃସିଂହ ଚରଣ ସାହୁ ୪ବର୍ଷ ତଳେ ଯୋଗ ଦେଇଥିଲେ। ତାଙ୍କ ପାଠ ପଢେଇବାର ଶୈଳୀ ଏବଂ ଛାତ୍ରୀଛାତ୍ରଙ୍କୁ ଏମିତି ଭଲପାଇବାରେ ବାନ୍ଧି ରଖିଥିଲେ ଯେ ତାଙ୍କ ଅବସର ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ତାଙ୍କୁ ଛାଡିବା ପାଇଁ ନାରାଜ ଥିଲେ । ପରେ ସେ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିଥିଲେ। ମଝିରେ ମଝିରେ ବିଦ୍ୟାଳୟକୁ ଆସି ତୁମମାନଙ୍କ ସହ ଦେଖା ହୋଇଯିବି କହିଥିଲେ। ଏହା ପରେ ସମସ୍ତ ଛାତ୍ରୀଛାତ୍ର କାନ୍ଦି କାନ୍ଦି ତାଙ୍କ ପ୍ରିୟ ଶିକ୍ଷକଙ୍କୁ ଗ୍ରାମ ବାହାର ପର୍ଯ୍ୟନ୍ତ ଆଣି ଛାଡିଥିବାର ଦେଖିବାକୁ ମିଳିଥିଲା। ଶୁକ୍ରବାର ମାଲଗୁରିଆପଡା ବିଦ୍ୟାଳୟରେ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସିଆରସିସି ବୃନ୍ଦାବନ ସାହୁ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ଚରଣ ସାହୁ, ଶିକ୍ଷକ ତୋଫାନ ଖର୍ସେଲ, ଦୁର୍ବାସା ସାହୁ, ରଞ୍ଜିତ ସାହୁ, ଗଜାନନ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ନାଗରିକତ୍ୱ ସଂଶୋଧନ ଆଇନ ସଚେତନତା

ଡାବୁଗାଁ, ୧।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ ଭୈରବ ମହାବିଦ୍ୟାଳୟ ଠାରେ ଜିଲା ଭାଜପା ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ-୨୦୧୯ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ପୂର୍ବତନ ଏମପି ବଳଭଦ୍ର ମାଝୀ ଯୋଗ ଦେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ କ'ଣ ଏହା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଆଇନ ଦ୍ୱାରା କାହାର ନାଗରିକତ୍ୱ ଯିବ ନାହିଁ ବୋଲି କହିଥିଲେ । ଏଥିରେ ଜିଲା ଭଜପା ସଭାପତି ଜଗଦୀଶ ବିଶୋୟୀ, ଯୁବନେତା ଗୌରୀ ମାଝୀ, ମନୋଜ ମହାଙ୍କୁଡ, ଜୟନ୍ତ କୁମାର ପାତ୍ର, ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ଗନ୍ତାୟତ, ଅଧ୍ୟାପିକା ଚନ୍ଦନା ପଣ୍ଡା, ପୁଷ୍ପାଞ୍ଜଳି ସାହୁ, ଉର୍ମିଳା ବ୍ରହ୍ମା ଉପସ୍ଥିତ ଥିଲେ।



ପୂର୍ବତନ ଏମପି ବଳଭଦ୍ର ମାଝି ଉଦ୍‌ବୋଧନ ଦେଉଛନ୍ତି।

# ମୁକ୍ତାକାଶ ସାହିତ୍ୟ ଉତ୍ସବ 'କାକର'



କୃତୀଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

କୋଡିଙ୍ଗା/କୋଷାଗୁମୁଡ଼ା, ୧।୨(ଡି.ଏନ୍.ଏ.)

କୋଷାଗୁମୁଡ଼ା ବ୍ଲକ ସଦର ମହକୁମାଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମୁକ୍ତାକାଶ ସାହିତ୍ୟ ଉତ୍ସବ 'କାକର' ଶନିବାର ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଉପଜିଲାପାଳ ଭାସ୍କର ରୋହିତ ଏହାକୁ ଉଦଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ତଥା 'କାକର' ସଭାପତି ବୁଲୁ ହୋତା ଏଥିରେ ଅଧ୍ୟକ୍ଷତା କରିଥିଲେ। କୋଷାଗୁମୁଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଆର. ପ୍ରଭାକର ରାଜୁ, ପାପଡାହାଣ୍ଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୋମନାଥ ବିଷୋୟୀ,କୋଷାଗୁମୁଡ଼ା ବ୍ଲକ ଅଧ୍ୟକ୍ଷା ଗୀତାମଣି ସମରଥ, କୋଷାଗୁମୁଡ଼ା ବ୍ଲକ ଉପାଧ୍ୟକ୍ଷ ପଦ୍ମସାଇ ମାଳି ଏବଂ ସାହିତ୍ୟିକ କୁଞ୍ଜବିହାରୀ ଦାଶ ଯୋଗ ଦେଇଥିଲେ। ଉପଜିଲାପାଳ ଏଠାରେ ସରକାରଙ୍କ ତରଫରୁ ଏକ ପାଠାଗାର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୋଷାଗୁମୁଡ଼ା କଳା ପରିଷଦ ଦ୍ୱାରା କାକର ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ସ୍କୁଲ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, କବିତା ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା 'କାକର ସମ୍ମାନ'ରେ ପୁରସ୍କୃତ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଅଞ୍ଚଳର ୧୦ ସାହିତ୍ୟିକ ଏବଂ ଗବେଷକଙ୍କୁ ନେଇ ଆଲୋଚନା କରାଯାଇଥିଲା । ଆଦିବାସୀ ସଂସ୍କୃତିରେ 'ମାନବ ଦେବତା' ଏବଂ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ 'ଏମାଟିର ସାହିତ୍ୟ ଓ ଆମ ପତ୍ରିକା' ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ମନୋଜ କିଶୋର ନାୟକ ସଭାପତିତ୍ୱ କରିଥିଲେ। 'ପର୍ଯ୍ୟଟନ ଓ ସାହିତ୍ୟ ମୁଦ୍ରାର ଦୁଇ ପାଖ' ଏବଂ ଆଦିବାସୀ ସଂସ୍କୃତିରେ 'ଗୀତ୍‌ମରା ଉତ୍ସବ' ଦିଲୀପ ହୋତାଙ୍କ ଅଧ୍ୟକ୍ଷତାରେ ଆଲୋଚନା କରାଯାଇଥିଲା। ଅଞ୍ଚଳର ଆଦିବାସୀ ସଂସ୍କୃତି ଗବେଷଣା କରୁଥିବା ଧରସିଂ, ବଦ୍ରିନାରାୟଣ ସିଂ, କୁଞ୍ଜବିହାରୀ ଦାସ, ନରସିଂ ତ୍ରିପାଠୀ, ସୁଧୀର ଧାଙ୍ଗଡା ମାଝି ପ୍ରମୁଖ ଭାଗନେଇ ଗୀତ୍‌ମରା ଉତ୍ସବର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସୁଧୀରରାଜ ରାଉତଙ୍କ ଅଧ୍ୟକ୍ଷତାରେ 'ମୋ ପୁସ୍ତକ ମୋ କଥା' ଏବଂ ଏଲି ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ଓଡ଼ିଆ ସାହିତ୍ୟରେ ନାରୀ ମହନୀୟତା' ସମ୍ପର୍କରେ ଆଲୋଚନା କରାଯାଇଥିଲା । ସନ୍ଧ୍ୟା ସାହିତ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ ସମ୍ମାନିତ ଅତିଥି ଝରିଗାଁ ବିଧାୟକ ପ୍ରକାଶ ମାଝି ଯୋଗଦେଇଥିଲେ। ଏଥିରେ ଅତିଥିମାନଙ୍କ ଦ୍ୱାରା ୯ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଶେଷରେ ସାହିତ୍ୟିକଙ୍କ ଦ୍ୱାରା କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସାହିତ୍ୟ ଏକାଡେମି ସଦସ୍ୟ ଏବଂ ତୁଳସୀ ପରିବାରର ସହଦେବ ପରିଡା, ରମେଶ ଚନ୍ଦ୍ର ପଟ୍ଟନାୟକ, ରତିକାନ୍ତ ଦୁବେ, ଆତ୍ମାନନ୍ଦ ନାୟକ, ଅଖିଳ ଭଟ୍ଟ, ଲିଙ୍ଗରାଜ ଦାଶଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।